# ଦିବ୍ୟବାଣୀ



ଦିବ୍ୟଧାମ ଯୋଗାଶ୍ରମ

# ଦିବ୍ୟବାଣୀ

## ଦିବ୍ୟଧାମ ଯୋଗାଶ୍ରମ

ଚକ୍ରତୀର୍ଥରୋଡ଼, ପୁରୀ-୭୫୨୦୦୨, ଓଡ଼ିଶା, ଭାରତ

# ଦିବ୍ୟବାଣୀ

ପ୍ରକାଶକ : ଦିବ୍ୟଧାମ ଯୋଗାଶ୍ରମ
ଚକ୍ରତୀର୍ଥରୋଡ଼, ପୁରୀ-୭୫୨୦୦୨, ଓଡ଼ିଶା, ଭାରତ

ପ୍ରଥମ ପ୍ରକାଶନ : ୨୦୦୬

ଦ୍ୱିତୀୟ ପ୍ରକାଶନ : ୨୦୨୩

ସତ୍ତ୍ୱ : ଦିବ୍ୟଧାମ ଯୋଗାଶ୍ରମ

ମୁଦ୍ରଣ : ଦିବ୍ୟ ପ୍ରକାଶନୀ, ଭୁବନେଶ୍ୱର-୭୫୧୦୦୨

ମୂଲ୍ୟ : ୨୫ ଟଙ୍କା ମାତ୍ର

# ମା'ଙ୍କ ଅମୃତ ବାଣୀ

ଏଠାରେ ମା' କହିଲେ – ଭାରତ ଭୂଖଣ୍ଡ ଅର୍ନ୍ତଗତ ଓଡ଼ିଶା ପ୍ରଦେଶର ପୁରୀଠାରେ  ଅବସ୍ଥିତ "ଦିବ୍ୟଧାମ ଯୋଗାଶ୍ରମ"ର ପ୍ରତିଷ୍ଠାତ୍ରୀଙ୍କୁ ବୁଝାଏ। ଦିବ୍ୟଧାମ ଯୋଗାଶ୍ରମର ମୁଖ୍ୟ ଉଦ୍ଦେଶ୍ୟ – 'ମାନବ ଜୀବନର ଲକ୍ଷ୍ୟ ଭଗବତ୍ ସାକ୍ଷାତ୍କାର ବା ଆତ୍ମ୍ଉପଲବ୍ଧି ।' ମା' କେବଳ କଥାରେ ଶିକ୍ଷା ନ ଦେଇ ତାଙ୍କ ସ୍ୱକୀୟ କାର୍ଯ୍ୟଧାରା ଓ ଜୀବନଶୈଳୀ ମାଧ୍ୟମରେ ଆମ୍ଭମାନଙ୍କୁ ଅନେକ କିଛି ଶିକ୍ଷା ପ୍ରଦାନ କରିଥାନ୍ତି।   ଆମ୍ଭେମାନେ

ତାଙ୍କୁ କେବେ କୌଣସି ମଞ୍ଚ ଉପରୁ ବକ୍ତୃତା  ଦେବା ବା ଆଧ୍ୟାତ୍ମିକ ଆଲୋଚନାରେ ଅଂଶ ଗ୍ରହଣ କରିବାର ଦେଖିନାହୁଁ । ମା' ତାଙ୍କର ଶିଷ୍ୟଶିଷ୍ୟାମାନଙ୍କୁ କଥା ଛଳରେ, ଚିଠିପତ୍ର ମାଧ୍ୟମରେ କେବେକେବେ କେତୋଟି ସୁନ୍ଦର ସୁନ୍ଦର ଅମୂଲ୍ୟ ଉପଦେଶ ପ୍ରଦାନ କରିଥାନ୍ତି ।

ଆମ୍ଭେମାନେ ଏବେ ମା'ଙ୍କର ଅବର୍ତ୍ତମାନରେ ସେ ବାଣୀଗୁଡ଼ିକର ଗୁରୁତ୍ୱ ଉପଲବ୍ଧି କରୁଛୁ । ଏହି ହୃଦୟସ୍ପର୍ଶୀ ବାଣୀଗୁଡ଼ିକ ଆମ୍ଭମାନଙ୍କୁ ଜୀବନରେ ପଥ ପ୍ରଦର୍ଶନ କରିବା ସଙ୍ଗେସଙ୍ଗେ ଆମ ସମସ୍ତଙ୍କର ଅଜ୍ଞାନତା ଦୂରକରି ପରମ ହିତସାଧନ କରିଥାଏ ।

ଆଜି ମା'ଙ୍କର ସ୍ୱମୁଖରୁ ପବିତ୍ର ଆତ୍ମବୋଧ ପ୍ରଦାୟକ ତଥା ପରମାତ୍ମାଙ୍କ ସହ ସାନ୍ନିଧ୍ୟସୂଚକ ବାଣୀଗୁଡ଼ିକ ଆମ୍ଭମାନଙ୍କୁ ଆଉ ଶୁଣିବାକୁ

ମିଳୁନାହିଁ। ବୋଧହୁଏ ସେ ସୁଯୋଗ ଆମ୍ଭମାନଙ୍କୁ ଆଉ କେବେ ମିଳିବନି, ମାତ୍ର ଆମ୍ଭମାନଙ୍କ ହୃଦୟର ଅନ୍ତଃକରଣରେ ସେଇ ବାଣୀଗୁଡ଼ିକ ସତତ ଝଙ୍କୃତ ହେଉଥିବ ଏବଂ ଜୀବନର ପ୍ରତିଟି ମୁହୂର୍ତ୍ତରେ ସେହି ବାଣୀଗୁଡ଼ିକ ଆମ୍ଭମାନଙ୍କୁ ଆଧ୍ୟାତ୍ମିକ କ୍ଷେତ୍ରରେ ଅଗ୍ରସର ହେବାପାଇଁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇ ଚାଲିଥିବ।

ମା'ଙ୍କର ପବିତ୍ର ଚରଣକମଳରେ ସମର୍ପିତ ଶିଷ୍ୟଶିଷ୍ୟାମାନଙ୍କ ହୃଦୟରେ, ତାଙ୍କ ବାଣୀଗୁଡ଼ିକ ସତତ ସାଇତା ହୋଇ ରହିଥିଲେ ମଧ୍ୟ ଆମ୍ଭେମାନେ ସେଇ ଅମୂଲ୍ୟ ରତ୍ନଗୁଡ଼ିକୁ ମୁଦ୍ରଣ ମାଧ୍ୟମରେ ସଂରକ୍ଷଣ କରିବାକୁ ଇଚ୍ଛା କରୁ। ତେଣୁ ଶିଷ୍ୟଶିଷ୍ୟାମାନଙ୍କ ଦୈନନ୍ଦିନ ଦିନଲିପି

ତଥା ମା' ସେମାନଙ୍କୁ ଦେଇଥିବା ଚିଠିପତ୍ରଗୁଡ଼ିକରୁ ସେଗୁଡ଼ିକ ଉଦ୍ଧାର କରାଯାଇଛି। ଉଦାର ହୃଦୟରେ ମା' ଦେଇଥିବା ଏଇ ବାଣୀଗୁଡ଼ିକର ମହନୀୟତା ଓ ଏଥିରେ ପ୍ରଦତ୍ତ ସାରଗର୍ଭକ ବାର୍ତ୍ତାକୁ ସମସ୍ତେ ସହଜରେ ଉପଲବ୍ଧି କରିପାରିବେ। ଉଭୟ ସାଧକ ଓ ସଂସାରୀ ଲୋକଙ୍କର ହିତସାଧନ ପାଇଁ ଏହି ବାଣୀଗୁଡ଼ିକର ପରିପ୍ରକାଶ ନିମିତ୍ତ ଆମ୍ଭେମାନେ ଏକ ବିନମ୍ର ଉଦ୍ୟମ କରି ସେଗୁଡ଼ିକୁ ଏଇ କ୍ଷୁଦ୍ର ପୁସ୍ତିକାରେ ସ୍ଥାନ ଦେଇଛୁ। ଶିଷ୍ୟଶିଷ୍ୟାମାନେ ଏହି ବାଣୀଗୁଡ଼ିକୁ ସେମାନଙ୍କ ଜୀବନରେ ଜପମାଳା କରି ନିରନ୍ତର ଜପି ଚାଲିବେ ବୋଲି ଆମ୍ଭେମାନେ ଆଶା ପୋଷଣ କରିଛୁ। ଆଦର ଓ ଭକ୍ତି ସହିତ ବାଣୀଗୁଡ଼ିକୁ ଜପି ଚାଲିଲେ

ଏହା ସେମାନଙ୍କ ସାଧନା ପଥରେ ଦେଖା ଦେଉଥିବା ସମସ୍ୟାଗୁଡ଼ିକର ସମାଧାନ କରିବା ସଙ୍ଗେସଙ୍ଗେ ସେମାନଙ୍କ ମନରେ ଉପୁଜୁଥିବା ସନ୍ଦେହ ଓ ପ୍ରଶ୍ନଗୁଡ଼ିକୁ ଦୂରକରିବା ଦିଗରେ ସହାୟକ ହେବ। ଆମ୍ଭେମାନେ ଆହୁରି ମଧ୍ୟ ଆଶା କରୁଛୁ, ଉଭୟ ସାଧକସାଧିକା ଓ ସାଧାରଣ ସଂସାରୀ ଲୋକମାନଙ୍କ ଜୀବନକୁ ମହନୀୟ କରିବାକୁ ଏହି ବାଣୀଗୁଡ଼ିକ ଏକ ଅପୂର୍ବ ଭୂମିକା ଗ୍ରହଣ କରିବ। ଆମ୍ଭେମାନେ ଦୃଢନିଶ୍ଚିତ ଯେ ମା'ଙ୍କ ଏହି ବାଣୀଗୁଡ଼ିକର ଅଧ୍ୟୟନ ଓ ଜୀବନକ୍ଷେତ୍ରରେ ସଫଳ ରୂପାୟନ ଆମ୍ଭମାନଙ୍କୁ ଦିବ୍ୟ ଅନୁଭୂତି ଦେବା ସଙ୍ଗେସଙ୍ଗେ ଆମ୍ଭମାନଙ୍କ ଉପରେ ତାଙ୍କର ଆଶୀର୍ବାଦ ଅଜାଡ଼ି ପକାଇବ।

ଏହି କ୍ଷୁଦ୍ରପୁସ୍ତିକାରେ ସନ୍ନିବେଶିତ ବାଣୀଗୁଡ଼ିକ ଆମ୍ଭମାନଙ୍କ ଜୀବନକୁ ଧନ୍ୟକରିବା ସହ ସମସ୍ତଙ୍କ ଉପରେ ମା'ଙ୍କର ଦୟା ଓ କରୁଣାର କୃପାବର୍ଷା ଅବ୍ୟାହତ ରହୁ। ଏତିକି ଏ ଅବସରରେ ମା'ଙ୍କ ପୁଣ୍ୟ ଚରଣତଳେ ଆମ୍ଭମାନଙ୍କ ବିନୟ କାମନା।

**ମା'ଚରଣାଶ୍ରିତ**

**ସ୍ୱାମୀ ଆନନ୍ଦ**

ଓଁ

# ଦିବ୍ୟବାଣୀ

ଗୁରୁଙ୍କ ବାକ୍ୟ ହେଉଛି ତୀର୍ଥ,

ତାଙ୍କର ପ୍ରତ୍ୟେକ ବାକ୍ୟ ମଙ୍ଗଳମୟ;

ତୁମେ କର୍ତ୍ତବ୍ୟ କର୍ମ କରି ଯାଅ ।

– ମା’

ଓଁ

ବର୍ତ୍ତମାନ ସୃଷ୍ଟି ଓଲଟିବାର ବେଳା । ମନୁଷ୍ୟକୁ ଆନ୍ତରିକତାର ସହିତ ଭଗବାନଙ୍କ ଆଡ଼କୁ ଯିବାକୁ ହେବ ଓ ସତ୍ୟ ମଧ୍ୟରେ ବାସ କରିବାକୁ ହେବ ।

– ମା’

ଓଁ

ବର୍ତ୍ତମାନ ମହାପ୍ରଳୟର ସମୟ ନୁହେଁ । ତଥାପି ବାରଅଣା ଅଂଶ (୭୫%) ଧ୍ୱଂସ ହୋଇଯିବ, ଚାରି ଅଣା ଅଂଶ (୨୫%) ରହିବ ।

(ଏହି କଥା ମା' ୨୦୦୨ ମସିହାରେ ଦେହ ରଖିବାର କିଛି ବର୍ଷ ପୂର୍ବରୁ କହିଥିଲେ ।)

– **ମା'**

ଓଁ

ସାରା ବିଶ୍ୱକୁ ପ୍ରଭୁ ହିଁ ରକ୍ଷା
କରିବେ, ତୁମେ ବ୍ୟସ୍ତ ହୁଅନି,
ସମସ୍ତଙ୍କ ସମ୍ବଳ ହିଁ ସେହି,
କୌଣସି ବିଷୟରେ ଭୟ
କରନି, ନିର୍ଭୟରେ ରୁହ ।

– ମା'

ଓଁ

# ଗୁରୁ

ମନକୁ ଗୁରୁମୁଖୀ କରିବ,
ମତ୍‌ପ୍ରାଣ ଶ୍ରୀଗୁରୁପ୍ରାଣ,
ମତ୍‌ଦେହ ଶ୍ରୀଗୁରୁମନ୍ଦିର
ଏହି ଭାବନା କରିବ ।

- ମା'

ଓଁ

ଯେତେବେଳେ ଦେଖିବ, ଗୁରୁଙ୍କ
ଆଦର୍ଶରେ ଶିଷ୍ୟର ଆନନ୍ଦ
ହେଉଛି, ମୁଖ ପ୍ରଫୁଲ୍ଲ ହୋଇ
ଉଠୁଛି, ସେତେବେଳେ ଜାଣିବ
ଶିଷ୍ୟର ହୃଦୟରେ ଗୁରୁଶକ୍ତି
କାର୍ଯ୍ୟ କରୁଛି ।

– ମା'

ଓଁ

ଯେତେ ଭଲ ଗୁରୁ ପାଇଲେ କ'ଣ ହେବ ? ସିଦ୍ଧି ନିର୍ଭର କରେ ଜଣକ ପାତ୍ରତା ଉପରେ । ପାତ୍ର ଠିକ୍ ହେଲେ ସବୁ ଧରି ରଖିପାରେ । ତୁମେ ସବୁ ଠିକ୍ ପାତ୍ର ହୁଅ । କୃପାର ଧାରାକୁ ଧରି ରଖିପାରିବ ।

– ମା'

ଓଁ

ମା' ପିଲାକୁ ଦେବା ପାଇଁ ପ୍ରସ୍ତୁତ।
ପିଲାର ଆଧାର ଉପରେ ସବୁ
ନିର୍ଭର କରେ।

– ମା'

ଓଁ

ଗୁରୁନିଷ୍ଠାରେ ତୁମ ଭିତରଟା
ସୁନ୍ଦର ହେଉ; ତୁମ ବାହାର
ସୁନ୍ଦରର ଆବଶ୍ୟକତା ନାହିଁ।

– ମା’

ଓଁ

କୌଣସି ସାଧନା ଗୁରୁଙ୍କୁ ବାଦ୍
ଦେଇ ହୁଏନା ।
ସାଧନା କରିବା ଲୋକ ଗୁରୁଙ୍କୁ ନ ମାନି
ସାଧନା କଲେ ବ୍ୟଭିଚାର ହୋଇଯାଏ ।

– ମା'

ଓଁ

କଦାପି କୌଣସି ପ୍ରକାରେ ଶ୍ରୀଗୁରୁଦେବଙ୍କ
ଆଦେଶ ଅବଜ୍ଞା କରିବ ନାହିଁ।
ତାଙ୍କ ଆଦେଶ ଉପରେ ଦ୍ୱିରୁକ୍ତି ଆଣି
ଯୁକ୍ତି କରିବ ନାହିଁ।
ଏପରି କଲେ ଶିଷ୍ୟର ମହାଅପରାଧ ହୁଏ।

– ମା'

ॐ

ଗୁରୁଦେବଙ୍କର ଯେଉଁମାନେ ଶ୍ରଦ୍ଧା ବା ସମ୍ମାନର ପାତ୍ର, ସେମାନଙ୍କୁ ସମ୍ମାନ ଦେବାରେ କଦାପି ଅବହେଳା କରିବ ନାହିଁ। ସେମାନଙ୍କ ଅବଜ୍ଞାକୁ ଗୁରୁଦେବଙ୍କ ଅବଜ୍ଞା ବୋଲି ମନେ କରି ସେଥିପ୍ରତି ସର୍ବଦା ସଜାଗ ରହିବ; ଗୁରୁଜନଙ୍କୁ ସାଧାରଣ ମନୁଷ୍ୟ ଜ୍ଞାନ କରିବା ହେଉଛି ଅପରାଧ।

– ମା'

ଓଁ

ଭଗବାନ ଅସନ୍ତୁଷ୍ଟ ହେଲେ
ଶ୍ରୀଗୁରୁଦେବ ରକ୍ଷା କରିପାରନ୍ତି,
ମାତ୍ର ଗୁରୁଦେବ ରୁଷ୍ଟ ହେଲେ
ଭଗବାନ ରକ୍ଷା କରନ୍ତି ନାହିଁ।

– ମା'

ଓଁ

ପକ୍ଷାନ୍ତରେ ଶ୍ରୀଗୁରୁଦେବ ସନ୍ତୁଷ୍ଟ
ହେଲେ ଭଗବାନ ସନ୍ତୁଷ୍ଟ
ହୁଅନ୍ତି। ଯେଉଁଥିରେ ଗୁରୁଦେବ
ଅସନ୍ତୁଷ୍ଟ ହେବେ, ସେପରି
କାର୍ଯ୍ୟ କଦାପି କରିବ ନାହିଁ।

– ମା'

ଓଁ

ଶିଷ୍ୟ ସବୁବେଳେ ମନେ ରଖିବା ଉଚିତ–

'ମୋ ଗୁରୁ ସର୍ବସମର୍ଥ'।

ଏପରି ବିଶ୍ୱାସ ଓ ନିଷ୍ଠା

ନଥିଲେ ସାଧନାରେ ସଫଳତା ମିଳେ ନାହିଁ।

– ମା'

ଓଁ

ଗୁରୁମୁଖୀ ହେବାକୁ ଚେଷ୍ଟାକର,
ଉନ୍ନତି ତୁମକୁ ଛାଡ଼ିବ ନାହିଁ।

– ମା’

ॐ

ଗୁରୁଙ୍କ କାର୍ଯ୍ୟରେ ସବୁବେଳେ ବ୍ୟସ୍ତ ରହି ଭଗବାନଙ୍କ ଆଡ଼କୁ ଆଗେଇଯାଅ; ଗୁରୁ ଓ ଭଗବାନଙ୍କୁ ଏକ କରିନିଅ, ପ୍ରତ୍ୟେକ କାର୍ଯ୍ୟରେ ମଙ୍ଗଳ ହେବ। ତୁମେ ଦୟା, କ୍ଷମା ଗୁଣରେ ଭୂଷିତ ହୋଇଯାଅ।

– ମା'

ଓଁ

# ଭଗବାନ

ଭଗବାନଙ୍କ ପ୍ରେମ ସର୍ବଦା ହିଁ ତୁମ
ସହିତ ରହିଅଛି, ଏବଂ ତାହା ହିଁ
ଏକମାତ୍ର ବସ୍ତୁ,– ଯାହା ମନୁଷ୍ୟକୁ
ଜୀବନରେ ନିରାଶ କରେ ନାହିଁ।

– ମା’

ଓଁ

ସଚ୍ଚୋଟ ସତ୍ୟବାଦୀ ବ୍ୟକ୍ତିକୁ
ଭଗବାନ ସଦାସର୍ବଦା ରକ୍ଷା କରନ୍ତି ।

– ମା'

ॐ

ମଣିଷ ସମସ୍ତଙ୍କୁ ଫାଙ୍କି ଦେଇ
ପାରେ, କିନ୍ତୁ ଭଗବାନଙ୍କୁ ଫାଙ୍କି ପାରିବ ନାହିଁ।

– ମା’

ॐ

ଆମର ସମସ୍ତ ଇଚ୍ଛା ଉପରେ ଆଉ ଜଣକର
ଇଚ୍ଛା ହିଁ ବଳବତ୍ତର ହୋଇଥାଏ।

- ମା’

ॐ

ଅନ୍ତର୍ଯ୍ୟାମୀ କ'ଣ ନ ଜାଣନ୍ତି,
ଆଉ ମୁଁ ବା କ'ଣ କହିବି ?
ତା'ର ଯାହା ଇଚ୍ଛା, ତା' କରୁ ।

– ମା'

ଓଁ

# ଜୀବନର ଲକ୍ଷ୍ୟ

ନିତ୍ୟ ସୁଖ ପରମ ଶାନ୍ତି
ଭଗବାନଙ୍କଠାରେ ହିଁ ମିଳେ।
ତେଣୁ ମାନବ ଜୀବନର ଲକ୍ଷ୍ୟ
ହେଉଛି, ଭଗବତ୍ ସାକ୍ଷାତ୍କାର।

– ମା'

ଓଁ

ଛେଳିପରି ମେଁ ମେଁ (ମୁଁ ମୁଁ) ହୁଅ
ନାହିଁ, ଆତ୍ମଜ୍ଞାନ ଲାଭ କରି
ସିଂହପରି ଗର୍ଜନ କର।

– ମା'

ଓଁ

# ସାଧନା

ସାଧନାରେ ଲକ୍ଷ୍ୟ ରହୁ ।
ଯେପରି ଏ ଜୀବନରେ
ଭଗବତ୍ ପ୍ରାପ୍ତି ହେବ ।

– ମା'

ଓଁ

ତୁମକୁ ସହସ୍ର ଉପଦେଶ ଦେଇପାରେ, କିନ୍ତୁ
ତୁମେମାନେ ଯଦି ସାଧନା ନ କର,
ତେବେ କେବେହେଲେ ସାଧକ
ହୋଇପାରିବ ନାହିଁ।

– ମା'

ଓଁ

ସାଧନା ଠିକ୍ ଠିକ୍ କର,
ଠିକ୍ ଠିକ୍ କଲେ ସବୁକିଛି
ବନ୍ଧନ କଟିଯିବ ।

– ମା'

ॐ

ସାଧନା ମାନେ ନୁହେଁ କେବଳ ମାଳା ଜପିବା ବା ଧ୍ୟାନ କରିବା। ସର୍ବବିଧ ସଂଯମକୁ ସାଧନା କୁହାଯାଏ। ମନର ମଳିନତା ଦୂର କରିବା, କପଟତା ଓ ଛଳନା ଦୂର କରିବା, ସତ୍ୟ କହିବା, ସବୁ ସମୟରେ ସରଳ ହେବା, ସବୁବେଳେ କାମ, କ୍ରୋଧ ଓ ଲୋଭ ପରିହାର କରିବା, ଡାଇରୀ ଠିକ୍ ଠିକ୍ ଲେଖିବା, ଗୁରୁଙ୍କ ପ୍ରତି ନିଷ୍କପଟ ହେବା– ଏ ସବୁ ହେଉଛି ସାଧନା।

– ମା'

ॐ

ସତ୍ୟ କଥନରୁ ବଳି ତପସ୍ୟା ନାହିଁ,
ମନ ସଂଯମଠାରୁ ବଳି ସାଧନ ନାହିଁ;
ସମସ୍ତ ଇନ୍ଦ୍ରିୟଙ୍କୁ ସଂଯମ କରି ଚାଲ,
ନିଜର ତ୍ରୁଟି ସବୁବେଳେ ଦେଖ,
ଲକ୍ଷ୍ୟସ୍ଥଳରେ ପହଞ୍ଚିଯିବ ।

– ମା'

ଓଁ

ଇନ୍ଦ୍ରିୟ ସଂଯମ ମାନବ ଜୀବନର ସର୍ବଶ୍ରେଷ୍ଠ
ସାଧନା। ସାଧନା ପାଇଁ ସୁସ୍ଥ ନିର୍ମଳ ମନ,
ଶୁଦ୍ଧ ଚରିତ୍ର ଓ ଶାରୀରିକ ସଂଯମ ଓ
ଠିକ୍ ଠିକ୍ ନିୟମ ପାଳନ ଆବଶ୍ୟକ।

– ମା'

ॐ

ଅନ୍ୟକୁ ପରଷିଲେ ଯେପରି
ନିଜର ପେଟ ପୂରେ ନାହିଁ,
ସେହିପରି ପ୍ରଚାର ଦ୍ୱାରା ଶାନ୍ତି
ମିଳେ ନାହିଁ; ସାଧନା କର ।

– ମା'

ଓଁ

# ଆତ୍ମସଂଯମ

ସବୁ ସମୟରେ ସଂଯମ
ଅବଲମ୍ବନ କର, ଦୃଢ଼ ହୁଅ ।

– ମା'

ଓଁ

ସର୍ବତ୍ର କଳହ-ଅଶାନ୍ତ ମନରେ ନିଜର ବ୍ୟକ୍ତିଗତ ଉଚ୍ଛୃଙ୍ଖଳତା ରହିଥାଏ। ଏହା ଲକ୍ଷ୍ୟ ରଖି ନିଜ ଜୀବନରେ ସଂଯମ ଓ ମର୍ଯ୍ୟାଦାର ପ୍ରତିଷ୍ଠା କର। ନିଜର ବାଣୀ ଓ ବ୍ୟବହାର ମଧୁର କର।

- ମା'

ଓଁ

ବଣରେ ନିବାସ କରିବା ବରଂ ଭଲ,
ଭିକ୍ଷା ମାଗି ଖାଇବା ବରଂ ଭଲ,
ବୋଝ ବୋହି ଜୀବିକା ଉପାର୍ଜ୍ଜନ କରିବା
ବରଂ ଭଲ, କିନ୍ତୁ ଅସଂଯମୀ ସହ ବସବାସ
କରିବା ଅନୁଚିତ ।

– ମା’

ଓଁ

ପଚା ମାଂସ ଖାଇ କୁଆପରି
ଶହେ ବର୍ଷ ବଞ୍ଚିବା ଅପେକ୍ଷା
ଦୁଧ ଖାଇ ହଂସପରି
ଅପେକ୍ଷାକୃତ ଅଳ୍ପବର୍ଷରେ ମରିଯିବା ଭଲ ।

– ମା’

ଓଁ

ବିଷ ଗୋଟିଏ ଜୀବନ ନଷ୍ଟ
କରେ, ବିଷୟବିଷ ବହୁ ଜୀବନ
ନଷ୍ଟ କରେ।

– ମା'

ଓଁ

# ଆତ୍ମ ନିରୀକ୍ଷଣ

ସବୁବେଳେ ଆତ୍ମ-ନିରୀକ୍ଷଣ କର,
ତୁମେ କିଏ ? କାହିଁକି ଆସିଛ ?
ଆତ୍ମନିରୀକ୍ଷଣ କଲେ, ହିଂସା, କ୍ରୋଧ ଓ
ଅହଙ୍କାର ଚାଲିଯିବ ।

- ମା'

ଓଁ

କାହିଁକି କରୁଛି ନ ଜାଣି କୌଣସି
କାମ କେବେ ବି କରିବ ନାହିଁ।
କାହିଁକି କହୁଛି ନ ଭାବି କୌଣସି
କଥା କହିବ ନାହିଁ।

– ମା'

ଓଁ

ମନୁଷ୍ୟର ଅହଂକାର ସବୁ ନଷ୍ଟ କରିଦିଏ,
ନିଜର ଭିତର ନିରୀକ୍ଷଣ କର।
ସବୁ ପାଇ ପାରିବ। ଭିତରେ ଟିକେ କଳୁଷ
ରହିଲେ ସବୁ ନଷ୍ଟ କରି ଦିଏ।

– ମା'

ଓଁ

ତୁମେ କ'ଣ, ତୁମେ ନିଜକୁ
ନିଜେ ବେଶୀ ଭଲ ଭାବେ ଜାଣ।

- ମା'

ॐ

# ଧ୍ୟାନ

ଜ୍ଞାନର ଫାଟକ ଖୋଲିଦିଅ,
ଅଜ୍ଞାନର ଆବରଣକୁ ଛିନ୍ନ କରି
ପ୍ରଶାନ୍ତିର ପ୍ରାସାଦରେ ପ୍ରବେଶ
କର ଏବଂ ସେଠାରେ ଚିରନ୍ତନ
ଶାନ୍ତିରେ ବାସ କର।

– ମା'

ଓଁ

ମନ ଈଶ୍ୱରଙ୍କଠାରେ ସ୍ଥିର
ହେଲେ ପରମ ଶାନ୍ତି ଲାଭ କରେ ।

– ମା'

ॐ

ସ୍ଥିର ଭାବରେ ଭଗବାନଙ୍କୁ ଚିନ୍ତା
କଲେ ମନ ମଧ୍ୟରେ ଭଗବାନଙ୍କ
ପ୍ରତି ପ୍ରଗାଢ଼ ବିଶ୍ୱାସ ଆସେ,
ମନର ଆବିଲତା ନଷ୍ଟ ହୁଏ ।

– ମା'

ଓଁ

ତୁମର ପାଦଟି ଭଗବାନଙ୍କ
ଆଡ଼କୁ ଅଗ୍ରଗତି କରୁ, ତୁମର
ମନଟି ତାଙ୍କ ପାଦପଦ୍ମରେ
ଲାଗିରହୁ। ତାଙ୍କରି ବିନା ତୁମର
ଭାବନା ଅନ୍ୟଆଡ଼େ ନ ଯାଉ।

– ମା'

ॐ

ଏକମାତ୍ର ଅବିଚଳ ଶାନ୍ତି
ଭିତରେ ହିଁ ଚିରନ୍ତନ ଜୀବନଧାର
ସମ୍ଭବ ହୋଇପାରେ ।

– ମା’

ଓଁ

# ନୀରବତା

ପୁଷ୍ପ ପ୍ରସ୍ଫୁଟିତ ହେଲାପରି
ନୀରବତା ଭିତରେ ସାଧକର
ଆତ୍ମଚୈତନ୍ୟ ଜାଗ୍ରତ ହୋଇଥାଏ ।

– ମା’

ଓଁ

ସୂର୍ଯ୍ୟ ନୀରବ, ଚନ୍ଦ୍ର ନୀରବ ।
ସିଏ ତାଙ୍କ କର୍ତ୍ତବ୍ୟ ନୀରବରେ କରନ୍ତି ।
ତେଣୁ ସାଧକ ଓ ସେବକ ନୀରବରେ
ତାଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ କରିବା ଉଚିତ ।

– ମା’

ଓଁ

ନୀରବତା ସାଧକର ଶିକ୍ଷା, ଶିଷ୍ଟାଚାର
ଓ ଉନ୍ନତ ଚିନ୍ତାଧାରାର ପରିଚୟ ଦିଏ।

– ମା'

ଓଁ

# ବାସ୍ତବ ସୁଖ

ସନ୍ତୋଷ ରତନ ଅଛି ଯାହାର।
ଦରିଦ୍ର ହେଲେ ହେଁ ସୁଖୀ ସେ ନର ॥

– ମା'

ଓଁ

ଶ୍ରଦ୍ଧା ଓ ବିଶ୍ୱାସବିହୀନ
ଜୀବନରେ କଦାପି
ସୁଖଶାନ୍ତି ନାହିଁ।

– ମା'

ૐ

ପ୍ରେମ, ଦୟା ଓ ଚିତ୍ତର ଶାନ୍ତି
ବିନା ମଧ୍ୟ ମନୁଷ୍ୟ ଧନବାନ୍
ହୋଇପାରେ, କିନ୍ତୁ ସୁଖୀ
ହୋଇପାରେ ନାହିଁ।

- ମା'

ଓଁ

# ଭଲଗୁଣର ଅଭ୍ୟାସ

ସଦ୍‌ଗୁଣରୂପୀ ହୀରା ସମସ୍ତ
ଦୋଷରୂପକ ପାଷାଣକୁ କାଟି ଦେଇପାରେ ।

– ମା'

ଓଁ

ଦୁଃଖ କଷ୍ଟମଧ୍ୟରେ
ମଣିଷ ଭଲ ହୁଏ।

– ମା'

ଓଁ

# ସରଳତା, ନମ୍ରତା ଓ ହୃଦୟର ପବିତ୍ରତା

ହୃଦୟକୁ ତାଲିମ କରିବା ହିଁ
ମୋ ମତରେ ଆଧ୍ୟାତ୍ମିକ ଶିକ୍ଷା ।
ବଡ଼ ସେହି ଅଟେ, ଯେ ଆପଣାକୁ ସବୁଠାରୁ
ଛୋଟ ମଣେ ।

– ମା’

ଓଁ

ଯେତେ ସରଳ ହେବ; ସାଧନାରେ
ସେତେ ଅଗ୍ରଗତି କରିବ।

– ମା'

ଓଁ

ମୁଁ ଧନ, ଦୌଲତ, ଜାତି,
ଆଭିଜାତ୍ୟରେ ବଶ ନୁହେଁ। ମୁଁ
ଚାହେଁ ଗୋଟିଏ ସରଳ ହୃଦୟ,
ଯେଉଁ ହୃଦୟରେ ମିଥ୍ୟା ନାହିଁ,
ଛଳନା ନାହିଁ, କପଟତା ନାହିଁ।

– ମା'

ଓଁ

ଯଥାର୍ଥରେ ଅକପଟ ସରଳ
ନମ୍ରତା ହିଁ ଆମର ରକ୍ଷା କବଚ ।

– ମା'

ଓଁ

ମୋର ବିଶ୍ୱାସ, ଯେ କୌଣସି
ମହାନ୍ ବ୍ୟକ୍ତିର ପ୍ରଥମ ପରୀକ୍ଷା
ହେଉଛି ନମ୍ରତା ।

– ମା'

ଓଁ

ପବିତ୍ର ହୃଦୟବାନ୍ ଲୋକ
ଭଗବାନଙ୍କୁ ଲାଭ କରେ ।
ସତ୍ୟକୁ କେବଳ ପବିତ୍ର
ହୃଦୟରେ ଧାରଣ କରି ହୁଏ ।

– ମା'

ଓଁ

# କ୍ଷମା

ଅନ୍ୟର ଦୋଷ ଦେଖିବା ପୂର୍ବରୁ
ନିଜର ଦୋଷ ବିଚାର କର।
ନିଜକୁ ସେଇ ପରିସ୍ଥିତିରେ ରଖି
ଦେଖ, ତୁମେ ଠିକ୍ ସେଇ
ଦୋଷ କରିଥାନ୍ତ କି ନା।

– ମା'

ଓଁ

ଯିଏ ତୁମକୁ କଟୂକ୍ତି ପ୍ରୟୋଗ
କରୁଛି, ତୁମେ ତାକୁ ଆଶୀର୍ବାଦ
ଦିଅ। ଯିଏ ତୁମକୁ ଘୃଣା କରେ,
ତୁମେ ତାକୁ କ୍ଷମା ଦିଅ। ପ୍ରଭୁ
ତୁମକୁ ଶାନ୍ତିରେ ରଖିବେ।

– ମା'

ॐ

ତୁମେ ଏକାବେଳେ ଭଲହୁଅ,
କ୍ଷମା ଦେଲେ କ୍ଷମା ମିଳେ,
ଅନ୍ୟକୁ ଭଲପାଅ, ଆସକ୍ତ ହୁଅନାହିଁ।
ଭଗବାନ୍‌ଙ୍କ ପ୍ରତି ଆସକ୍ତ ହୁଅ।

– ମା'

ଓଁ

# ଚରିତ୍ର

ଚରିତ୍ର ମନୁଷ୍ୟକୁ ଅମର କରେ,
ଚରିତ୍ର ହିଁ ଜୀବନରୂପୀ ପୁଷ୍ପର
ସୁମଧୁର ସୁରଭି; ଜୀବନରୂପୀ
ପ୍ରଦୀପର ଚରିତ୍ର ହିଁ ଉଜ୍ଜ୍ୱଳ ଜ୍ୟୋତିଃ ।

– ମା'

ଓଁ

ନିଷ୍କାମ କର୍ମ, ନିଷ୍କଳଙ୍କ ଚରିତ୍ର ଓ
ନିଷ୍ଠାପର ଗୁରୁସେବା ବଳରେ
ଭଗବତ୍‌ପ୍ରାପ୍ତି ହୁଏ ।

– ମା'

ଓଁ

# ବିହିତ ଆଚରଣ

ଅନ୍ୟମାନଙ୍କ ପାଇଁ ଯାହା ଭଲ,
ତାହା କରିବା ପୂର୍ବରୁ ଦୁଇଥର ଭାବନାହିଁ,
କିନ୍ତୁ ଯାହା ଭଲ ନୁହେଁ, ତାହା କରିବା ପୂର୍ବରୁ
ବହୁଥର ଚିନ୍ତାକର ।

– ମା'

ଓଁ

ଅନ୍ୟମାନେ ତୁମ ପ୍ରତି ଯେଉଳି
ବ୍ୟବହାର ନ କରନ୍ତୁ ବୋଲି
ତୁମେ ଇଚ୍ଛା କରୁଛ, ସେଉଳି
ବ୍ୟବହାର ଅନ୍ୟ ପ୍ରତି ମଧ୍ୟ
ଦେଖାଅ ନାହିଁ ।

– ମା'

ଓଁ

ବିଷ କେଉଁଟା ?

ଗୁରୁଜନମାନଙ୍କ ଉପଦେଶକୁ

ଉପେକ୍ଷା କରିବା।

- ମା'

ଓଁ

ଜିହ୍ୱା ତରବାରୀଠାରୁ କମ୍
ଧାରୁଅ ନୁହେଁ; ତେଣୁ
ସର୍ବଦା ମଧୁରବାଣୀ କୁହ ।

– ମା'

ଓଁ

ଉତ୍ତମ ଜିନିଷ ଦେଖ, ଉତ୍ତମ
କଥା ଶ୍ରବଣ କର, ଉତ୍ତମ ଚିନ୍ତା
କର, ତା'ହେଲେ ତୁମ ମନରୁ
ସମସ୍ତ ଖରାପ ମନୋବୃତ୍ତିର
ମୂଳୋତ୍ପାଟନ ହେବ ।

– ମା'

ଓଁ

ଯଦି ଭଲ ନ କରିପାରିବ,
ଅନ୍ତତଃ ଅନ୍ୟାୟ କାର୍ଯ୍ୟ କର ନାହିଁ।
ପ୍ରକୃତରେ ଶୁଭର ବିସ୍ତାର ଯଦି କରି ନ ପାର
ତେବେ ଅଶୁଭର ବିସ୍ତାର ଯେପରି
ତୁମଦ୍ୱାରା ନ ହୁଏ।

– ମା'

ॐ

# ନକାରାତ୍ମକ ଗୁଣର ଉନ୍ମୁଳନ

ଯେ ତୁମର ଅଯଥା ପ୍ରଶଂସା କରୁଛି,
ସେ ତୁମର ପ୍ରକୃତ ବନ୍ଧୁ ନୁହେଁ;
ବରଂ ଯେ ତୁମର ଭୁଲ ଦର୍ଶାଉଛି,
ସେ ହେଉଛି ତୁମର ପ୍ରକୃତ ବନ୍ଧୁ ।

– ମା'

ଓଁ

ଜୀବନର ଏକମାତ୍ର କର୍ତ୍ତବ୍ୟ ହେଉଛି;
ଭଗବତ୍ 'ସାକ୍ଷାତ୍ କରଣ'।
ତେଣୁ କାମ, କ୍ରୋଧ, ଈର୍ଷା
ତ୍ୟାଗକରିବା ବିଧେୟ,
ନହେଲେ ରାସ୍ତା ସଫା ହୋଇପାରିବ ନାହିଁ।

– ମା'

ଓଁ

ଭଲ ହେବାକୁ ହେଲେ ଈର୍ଷା ଓ
ଅହଂକାର ଛାଡ଼ିବାକୁ ହେବ।

– ମା'

ଓଁ

କୁଷ୍ଠ ଯେପରି ସମସ୍ତ ଶରୀରକୁ
ନଷ୍ଟ କରି ଦିଏ, ଲୋଭ
ସେହିପରି ମନୁଷ୍ୟକୁ ନଷ୍ଟ କରିଦିଏ।

– ମା’

ॐ

ଗୋଟିଏ ପ୍ରହାରରେ ନଡ଼ିଆ କେତେବେଳେ ଭାଙ୍ଗେ ? ନଡ଼ିଆ ଉପରୁ କତା ପରିଷ୍କାର କରିବା ପରେ ତ ? ସେହିପରି ହୃଦୟକୁ  ଢାଙ୍କି ରହିଥିବା କତାଗୁଡ଼ିକୁ ମଣିଷ ପରିଷ୍କାର କରିଦେବା ଉଚିତ। କାମ, କ୍ରୋଧ, ଈର୍ଷା ଓ ତା'ର ସହଚରମାନଙ୍କୁ।

– ମା'

ଓଁ

ଭୋଗେ ବଢ଼େ କାମ,
ତ୍ୟାଗେ ବଢ଼େ ପ୍ରେମ

– ମା’

ଓଁ

# ସହନଶୀଳତା

ସହନଶୀଳତା ବ୍ୟତୀତ ମହତ୍
କାର୍ଯ୍ୟ କେବେ ବି ସମ୍ପୂର୍ଣ୍ଣ ହୋଇ ପାରେନା।

– ମା’

ଓଁ

ପରିଶ୍ରମ କଲେ ଦେହ ଯେପରି
ସବଳ ହୁଏ, ଦୁଃଖକଷ୍ଟ ସହିଲେ
ମନ ସେମିତି ସବଳ ହୋଇ ଉଠେ ।

– ମା'

ଓଁ

ଆମ୍ଭେମାନେ କେତେଦିନ ରହିବା,
କେଉଁଥିପାଇଁ ମାନ, ଅଭିମାନ କରିବା ?
ସାଧକମାନଙ୍କୁ ସବୁକିଛି ସହିବାକୁ ହୁଏ ।

– ମା'

ଓଁ

ଭଗବାନଙ୍କୁ ଲାଭ କରିବାକୁ
ହେଲେ ଜୀବନରେ ସବୁ କିଛି
ସହିବାକୁ ହୁଏ । ଦୁଃଖକଷ୍ଟ
ଭିତରେ ସେ ପ୍ରାପ୍ତ ହୁଅନ୍ତି ।

– ମା'

ଓଁ

ତୁମେ ବ୍ୟସ୍ତ ହୁଅନି;

ଧୈର୍ଯ୍ୟ ଧର।

ଧୈର୍ଯ୍ୟର ଫଳ ମଧୁର।

– ମା’

ଓଁ

# ପ୍ରଚେଷ୍ଟା

ସତ୍ୟ ଏକ ବିଶାଳ ବୃକ୍ଷ ଯେପରି
ଏ ବୃକ୍ଷର ଯତ୍ନ ନେବ, ସେହି ପରିମାଣରେ
ସେଥିରେ ଫଳ ଦେଖାଯିବ।
ସେ ଫଳ କଦାପି ଶେଷ ହୁଏନି।

– ମା'

ଓଁ

ଅଧିକାଂଶ ବ୍ୟକ୍ତିଙ୍କର ଶକ୍ତିର
ଅଭାବ ନଥାଏ, ଥାଏ ଚେଷ୍ଟା
ବା ଇଚ୍ଛାର ଅଭାବ।

– ମା’

ଓଁ

ଯେଉଁ ଲୋକ କର୍ମ କରି ଚାଲିଥାଏ; ସୁଯୋଗ ଦିନେ ନା ଦିନେ ତା'ପାଖକୁ ଆସେ। କିନ୍ତୁ କର୍ମରେ ଯେପରି ତ୍ରୁଟି ନ ରୁହେ।

– ମା'

ॐ

# ସମର୍ପଣ ଓ ନିଷ୍ଠା

ନିଷ୍ଠା ଏବଂ ସେବା ଦ୍ୱାରା ସବୁ ସମ୍ଭବପର ।

– ମା'

ଓଁ

ସମର୍ପଣ ଠିକ୍ ଠିକ୍ ଥିଲେ
ଅସୁବିଧା ହୁଏନି ।

- ମା'

ॐ

ତୁମେ ତୁମ ନିଷ୍ଠାରେ ଦୃଢ଼ ରୁହ,
ଆପେ ଭଗବତ୍ ପ୍ରେମ ମିଳିଯିବ ।

– ମା'

ଓଁ

ଯେ କୌଣସି କର୍ମ ଠିକ୍ ଥିଲେ
ପ୍ରଭୁ ଦେଖା ଦେବେ। ନିଷ୍ଠା,
ସତ୍ୟ, ବ୍ରହ୍ମଚର୍ଯ୍ୟ ପାଳନରେ ଦୃଢ ଥିବ।

– ମା'

ଓଁ

ବିଷୟକୁ ବିଷ ପରି ମନେକରି
ତ୍ୟାଗକରି ଚାଲିବ। ସାଧନାରେ
ପ୍ରତିବନ୍ଧକ ଏଡ଼ାଇ ଏଡ଼ାଇ
ଯିବାକୁ ନିଜର ପୁରୁଷାକାର
ବ୍ୟବହାର କରୁଥିବ।

– ମା'

ଓଁ

ଯେଉଁମାନେ ନିଷ୍ଠାର ସହ ଲାଗି ରହନ୍ତି, ସେମାନଙ୍କର ବିଜୟ ସୁନିଶ୍ଚିତ ।

– ମା'

ଓଁ

# ପ୍ରକୃତ ସନ୍ନ୍ୟାସ

ସଂସାରକୁ ଛାଡ଼ି ଯୁଆଡ଼େ ଯିବ ଯାଅ, ତୁମର
ଅସଂଯତ ମନ ତୁମ ସାଥିରେ ଥିବ।
ତେଣୁ ପ୍ରଥମେ ତୁମ ମନକୁ ସଂଯତ
କରିବାକୁ ଶିଖ ॥

– ମା'

ଓଁ

ସାଧୁ ସାଜିବାର ଆବଶ୍ୟକତା ନାହିଁ;
ସାଧୁ ହେବା ପାଇଁ ଯତ୍ନ କର।

- ମା'

ଓଁ

# କର୍ମ ଓ କର୍ତ୍ତବ୍ୟ

କୁହ ନାହିଁ, କର ।

କମ୍ କୁହ, ବେଶୀ କର ।

– ମା'

ॐ

ସବୁ ଚିନ୍ତା ଛାଡ଼ି ଯଦି ଜଣେ
ପ୍ରତ୍ୟେକ କର୍ମଟା ମୁଁ 'ଭଗବତ୍ କର୍ମ' ବା
'ଗୁରୁଙ୍କ ପାଇଁ କରୁଛି' ବୋଲି ମନେକରେ ତାହା
ଆପେ ଆପେ ହୋଇଯିବ ।

– ମା'

ଓଁ

କର୍ମରେ ଯଦି ମନୁଷ୍ୟ ଏକନିଷ୍ଠ
ନ ହେଲା, ମନ ଯଦି ଦ୍ୱିଧାଗ୍ରସ୍ତ
ହେଲା, ତେବେ କୌଣସି କାର୍ଯ୍ୟ
ଭଲ ହେବ ନାହିଁ।

– ମା'

ଓଁ

ଯେତେବେଳେ ଭଗବତ୍ ଉଦ୍ଦେଶ୍ୟରେ କିଛି କରୁଥିବ, ସେତେବେଳେ କେବଳ ଲକ୍ଷ୍ୟ ଥିବ ଭଗବତ୍ ସେବା। ସେତେବେଳେ 'କୃତକାର୍ଯ୍ୟ ବା ଅକୃତ କାର୍ଯ୍ୟ'ର ଚିନ୍ତା ମନକୁ ଆଣିବନି। ଏ ଦୁଇଟା ସେତେବେଳେ ସମାନ ବୋଲି ଜାଣିବ।

– ମା'

ॐ

ପ୍ରତ୍ୟେକ ସତ୍‌କର୍ମରେ
ଆଶୀର୍ବାଦ ରହିଛି। ଆଶୀର୍ବାଦ
ଆପେ ଆପେ ଆସିଯାଏ।

– ମା'

ଓଁ

ତୁମେ ନିଃସ୍ୱାର୍ଥପର ଭାବେ
ଅନ୍ୟର କାର୍ଯ୍ୟ କରିଯାଅ ।
ତୁମର କେହି ନା କେହି
କରିବାକୁ ଥିବେ ।

– ମା'

ଓଁ

ଦିଅ, ଦିଅ, ଦିଅ, ସବୁ
ଦେଇଦିଅ। ଏପାରିରେ
ଦେଇଥିଲେ ସେପାରିରେ ପାଇବ।

– ମା'

ଓଁ

ତୁମେ ଭଗବାନଙ୍କ ପଛରେ
ଦଉଡ଼ ନାହିଁ, କର୍ତ୍ତବ୍ୟ କରି
ଚାଲ; ଭଗବାନ ତାଙ୍କ ହାତରେ
କୃପାପାତ୍ର ନେଇ ତୁମ ପଛେ
ପଛେ ଆସିବେ।

– ମା'

ଓଁ

# ଶ୍ରଦ୍ଧା ଓ ଭକ୍ତି

ବିଶ୍ୱାସ ଓ ବ୍ୟାକୁଳତା ଥିଲେ
ସବୁକିଛି ଅସମ୍ଭବ ସମ୍ଭବ
ହୋଇପାରେ ।

– ମା'

ૐ

କର୍ମ ବିଶ୍ୱାସକୁ ଅନୁସରଣ କରେ। ଯେପରି ବିଶ୍ୱାସ, କର୍ମ ମଧ୍ୟ ସେହିପରି ହୁଏ। ଗଭୀର ବିଶ୍ୱାସ ବଳରେ ସବୁ ହୋଇପାରେ; ସାବଧାନ; ଅହଙ୍କାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନ ଆସେ।

– ମା'

ଓଁ

ଯେଉଁମାନେ ଈଶ୍ୱର ବିଶ୍ୱାସରେ ଅବିଚଳିତ, ସେହିମାନେ ହିଁ ନିରାପଦ।

– ମା'

ଓଁ

ଶ୍ରଦ୍ଧା, ପବିତ୍ରତା ଓ ଭକ୍ତିଦ୍ୱାରା
ସବୁ କିଛି ସମ୍ଭବ ହୋଇଥାଏ।

– ମା’

ଓଁ

ଗୋଟିଏ ସୁନ୍ଦର ଫୁଲ
ଦେବାର୍ଚ୍ଚନରେ ଲାଗି ନ ହୋଇ
ଜଙ୍ଗଲରେ ମଉଳି ଯିବା ଭଲ
ନୁହେଁ। ତୁମର ହୃଦୟ ପୁଷ୍ପଟି
ଲାଗିହେଉ ପ୍ରଭୁଙ୍କ ପାଦରେ।

– ମା’

ଓଁ

# ଦିବ୍ୟ ନାମ

ମିଥ୍ୟା ଓ କପଟତା ଚାରିଆଡ଼େ
ବିସ୍ତୃତି ଲାଭକରିଛି, ଏଥିରୁ ରକ୍ଷା
ପାଇବାକୁ ହେଲେ ଭଗବାନଙ୍କ
ନାମ ଏକମାତ୍ର ପନ୍ଥା ।

– ମା’

ଓଁ

ସାପପରି ଫଁ ଫଁ ହୋଇ
ଭୟ ପ୍ରଦର୍ଶନ ଅପେକ୍ଷା
ଭଗବାନଙ୍କ ନାମ
ଉଚ୍ଚାରଣପାଇଁ ଜିହ୍ବାକୁ
ବ୍ୟବହାର କରିବା ଉଚିତ ।

– ମା'

ଓଁ

# ମୋକ୍ଷ

କର୍ତ୍ତବ୍ୟରେ ମିଠା ଅଛି ।
ସାଧନାରେ ଆନନ୍ଦ ଅଛି ।
ଭଗବତ୍ ଆରାଧନାରେ
ମୋକ୍ଷ ଅଛି ।

– ମା'

ଓଁ

ବିବେକ ହେଉଛି ବୀଜ, ବିଚାର
ହେଉଛି ମୂଳ। ଗୁରୁକୃପା
ହେଉଛି ଜଳସେଚନ; ଆତ୍ମଜ୍ଞାନ
ପୁଷ୍ପ ଏବଂ ମୋକ୍ଷ ଅଟେ ଫଳ।

– ମା’

ଓଁ

# ଦିବ୍ୟ ପ୍ରେମ

ପ୍ରେମରେ ଦିବସଟି ଆରମ୍ଭ କର।

ପ୍ରେମରେ ଦିନ ଯାପନ କର।

ପ୍ରେମରେ ଦିନଟିକୁ ପୂର୍ଣ୍ଣ କରି

ଦିଅ ଏବଂ ପ୍ରେମରେ ବଞ୍ଚ।

– ମା'

◆◆◆



ଗୁରୁ ନିବାସ, ଦିବ୍ୟଧାମ ଯୋଗାଶ୍ରମ, ପୁରୀ